# Envoys of three Nations present credentials to President of India

May 11, 2022

## ତିନୋଟି ରାଷ୍ଟ୍ରର ରାଷ୍ଟ୍ରଦୂତ ଭାରତର ରାଷ୍ଟ୍ରପତିଙ୍କୁ ପରିଚୟପତ୍ର ପ୍ରଦାନ କରିଛନ୍ତି

ମଇ 11, 2022

ଭାରତର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଆଜି (11 ମଇ 2022) ରାଷ୍ଟ୍ରପତି ଭବନରେ ସ୍ଲୋଭାକିଆ, ସୁଦାନ ଏବଂ ନେପାଳର ରାଷ୍ଟ୍ରଦୂତଙ୍କଠାରୁ ପରିଚୟପତ୍ର ଗ୍ରହଣ କରିଛନ୍ତି। ପରିଚୟପତ୍ର ପ୍ରଦାନ କରିଥିବା ରାଷ୍ଟ୍ରଦୂତମାନେ ହେଉଛନ୍ତି:

1. ସ୍ଲୋଭାକିଆର ରାଷ୍ଟ୍ରଦୂତ ମାନ୍ୟବର ଶ୍ରୀ ରବର୍ଟ ମ୍ୟାକ୍ସିୟାନ

2. ସୁଦାନର ରାଷ୍ଟ୍ରଦୂତ ମାନ୍ୟବର ଶ୍ରୀ ଅବ୍ଦାଲ୍ଲା ଓମେର ବାଶିର ଏଲହୁସେନ ଏବଂ

3. ନେପାଳର ରାଷ୍ଟ୍ରଦୂତ ମାନ୍ୟବର ଡକ୍ଟର ଶଙ୍କର ପ୍ରସାଦ ଶର୍ମା

ଏହି ଅବସରରେ ରାଷ୍ଟ୍ରପତି ତିନିଜଣ ରାଷ୍ଟ୍ରଦୂତଙ୍କ ସହିତ ପୃଥକ ଭାବରେ ବାର୍ତ୍ତାଳାପ କରିଥିଲେ। ସେ ସେମାନଙ୍କର ନିଯୁକ୍ତିକୁ ନେଇ ଅଭିନନ୍ଦନ ଜଣାଇଥିଲେ ଏବଂ ଭାରତର ଏହି ଦେଶମାନଙ୍କ ସହିତ ଥିବା ନିବିଡ ତଥା ବନ୍ଧୁତ୍ୱପୂର୍ଣ୍ଣ ଏବଂ ବହୁମୁଖୀ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଏବଂ ଲୋକମାନଙ୍କ ଉନ୍ନତି ତଥା ପ୍ରଗତୀ ପାଇଁ ରାଷ୍ଟ୍ରପତି ସେମାନଙ୍କୁ ସଫଳତା କାମନା କରିଥିଲେ।

ରାଷ୍ଟ୍ରଦୂତମାନଙ୍କ ଜରିଆରେ ରାଷ୍ଟ୍ରପତି ସେମାନଙ୍କ ଦେଶର ନେତୃବର୍ଗଙ୍କୁ ବ୍ୟକ୍ତିଗତ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରାଷ୍ଟ୍ରଦୂତମାନେ ଭାରତ ସହ ସମ୍ପର୍କକୁ ମଜବୁତ କରିବା ପାଇଁ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

**ନୂଆଦିଲ୍ଲୀ**

ମଇ 11, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.